# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**29 August - 2024**

**News Editor : Tapan Kumar Maharana**

***********************************

## ମୁଖ୍ୟ ସମ୍ବାଦ

- ବିରୋଧୀଙ୍କ ହଟ୍ଟଗୋଳ ଯୋଗୁଁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ବିଧାନସଭାକୁ ମୁଲତବୀ ଘୋଷଣା କଲେ ବାଚସ୍ପତି ।
- ଖାଲିପଡ଼ିଥିବା ଆର୍.ଆଇ, ଏ.ଆର୍.ଆଇ ଏବଂ ଅମିନ ପଦବୀ ପୂରଣ ପାଇଁ ଆରମ୍ଭ ହୋଇଛି ପ୍ରକ୍ରିୟା, କହିଲେ ରାଜସ୍ୱ ମନ୍ତ୍ରୀ
- ଭୂମିହୀନଙ୍କୁ ଘରଡିହ ଯୋଗାଇଦେବାକୁ ରାଜ୍ୟ ସରକାର ନେଉଛନ୍ତି ପଦକ୍ଷେପ ।
- ସମଗ୍ର ଦେଶରେ ପାଳିତ ହେଉଛି ଜାତୀୟ କ୍ରୀଡ଼ା ଦିବସ ।

ଏବଂ

- ବଙ୍ଗୋପସାଗରରେ ସୃଷ୍ଟି ହେଲା ଲଘୁଚାପ

– ରବିବାର ପର୍ଯ୍ୟନ୍ତ ସମୁଦ୍ରକୁ ନ ଯିବା ପାଇଁ ମତ୍ସ୍ୟଜୀବୀଙ୍କୁ ପରାମର୍ଶ

## ବିଧାନସଭା

ରାଜ୍ୟରେ ଖାଲି ପଡ଼ିଥିବା ରାଜସ୍ୱ ନିରୀକ୍ଷକ, ସହକାରୀ ରାଜସ୍ୱ ନିରୀକ୍ଷକ ଏବଂ ଅମିନ ପଦବୀ ପୂରଣ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି । ବିଧାନସଭାରେ ଆଜି ଏ ସଂପର୍କିତ ଏକ ପ୍ରଶ୍ନର ଉତ୍ତରରେ ସେ କହିଛନ୍ତି କ୍ଷମତାସଂପନ୍ନ କମିଟିର ଅନୁମୋଦନ ଅନୁଯାୟୀ ଖାଲିପଡ଼ିଥିବା ୭ଶହ ଅଣାନବେଟି ରାଜସ୍ୱ ନିରୀକ୍ଷକ, ୧ହଜାର ୩୮୫ଟି ସହକାରୀ ରାଜସ୍ୱ ନିରୀକ୍ଷକ ଏବଂ ୧ ହଜାର ୧୬୯ ଅମିନ ପଦବୀ ପୂରଣ କରାଯିବ । ପ୍ରତ୍ୟକ୍ଷ ଚୟନ ପ୍ରକ୍ରିୟା ଭିତ୍ତିରେ ଏହି ପଦବୀ ପୂରଣ ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ସେ କହିଛନ୍ତି । ସେ ଆହୁରି କହିଛନ୍ତି ରାଜ୍ୟରେ ମୋଟ୍ ୩ ହଜାର ୫୪୬ଟି ମଂଜୁରୀପ୍ରାପ୍ତ ରାଜସ୍ୱ ନିରୀକ୍ଷକ ପଦବୀ ମଧ୍ୟରୁ ୯୮୮ ଟି ଖାଲିପଡ଼ିଛି । ସେହିଭଳି ୩ ହଜାର ୭୩ଟି ମଂଜୁରୀପ୍ରାପ୍ତ ସହକାରୀ ରାଜସ୍ୱ ନିରୀକ୍ଷକ ପଦବୀ ମଧ୍ୟରୁ ୧ ହଜାର ୭୩୩ଟି ଏବଂ ୨ ହଜାର ୭୬୭ଟି ଅମିନ ପଦବୀ ମଧ୍ୟରୁ ୧ହଜାର ୫୪୭ଟି ଖାଲି ପଡ଼ିଛି । ରାଜ୍ୟରେ ୩୧୭ଟି ତହସିଲ ଥିବା ବେଳେ ୫ଟି ତହସିଲଦାର ଏବଂ ୨୧୭ଟି ଅତିରିକ୍ତ ତହସିଲଦାର ପଦବୀ ଖାଲି ପଡ଼ିଛି ବୋଲି ସେ ଗୃହରେ ସୂଚନା ଦେଇଛନ୍ତି । ଖାଲି ପଡ଼ିଥିବା ଏହି ପଦବୀ ଗୁଡ଼ିକୁ ପୂରଣ କରିବା ପାଇଁ ଖୁବ୍‌ଶୀଘ୍ର ପ୍ରକ୍ରିୟା ଆରମ୍ଭ ହେବ ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି ।

ଅନ୍ୟ ଏକ ପ୍ରଶ୍ନର ଉତ୍ତରରେ ସେ କହିଛନ୍ତି ବର୍ତ୍ତମାନ ରାଜ୍ୟରେ ୪ଟି ରାଜସ୍ୱ ନିରୀକ୍ଷକ ତାଲିମ କେନ୍ଦ୍ର କାର୍ଯ୍ୟ କରୁଛି । ଜୟପୁର ଠାରେ ଆଉ ଏକ ତାଲିମ କେନ୍ଦ୍ର ଖୁବ୍ ଶୀଘ୍ର ସ୍ଥାପନ କରାଯିବ । ପରବର୍ତ୍ତୀ ସମୟରେ ପର୍ଯ୍ୟାୟକ୍ରମେ ରାଜ୍ୟର ଅନ୍ୟାନ୍ୟ ସ୍ଥାନରେ ରାଜସ୍ୱ ନିରୀକ୍ଷକ ତାଲିମ କେନ୍ଦ୍ର ଖୋଲାଯିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି ।

## ବିଧାନସଭା ମୁଲତବୀ

ବିଧାନସଭାରେ ଆଜି କେତେକ ପ୍ରସଙ୍ଗକୁ ଉତ୍ଥାପନ କରି ବିରୋଧୀ ସଦସ୍ୟମାନେ ହଟ୍ଟଗୋଳ କରିଥିଲେ । ଶୂନ୍ୟକାଳରେ ବିଜେଡ଼ି ପକ୍ଷରୁ ରାଜ୍ୟର ୩୧୪ଟିଯାକ ବ୍ଲକରେ ଉନ୍ନୟନ କାର୍ଯ୍ୟ ବନ୍ଦ ରଖାଯାଇଛି ବୋଲି ଅଭିଯୋଗ କରାଯାଇଥିଲା । ଏହି ପ୍ରସଙ୍ଗରେ ଦଳ ପକ୍ଷରୁ ଗୃହରେ ଆଲୋଚନା କରାଯାଇଥିଲା । ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଥିଲେ ଓଡ଼ିଶା ବିଧାନସଭା କାର୍ଯ୍ୟବିଧି ଓ ପରିଚାଳନା ନିୟମାବଳୀ ଅନୁଯାୟୀ ଗୃହକାର୍ଯ୍ୟ ଚାଲିଥାଏ । ଆଲୋଚନା ହେବାକୁ ଥିବା ପ୍ରସଙ୍ଗ ଉପରେ ନିଷ୍ପତ୍ତି ନେବାର ଅଧିକାର ବାଚସ୍ପତିଙ୍କର ରହିଛି ବୋଲି ସେ କହିଥିଲେ । ତେବେ ବିଜେଡ଼ି ସଦସ୍ୟଙ୍କ ଦାବିକୁ ବାଚସ୍ପତି ଅଗ୍ରାହ୍ୟ କରିଥିଲେ । ଏହାକୁ ପାଥେୟ କରି ବିଜେଡ଼ି ପକ୍ଷରୁ ଗୃହରେ ହଟ୍ଟଗୋଳ କରାଯାଇଥିଲା । ଅନ୍ୟପକ୍ଷରେ ତଫସିଲଭୁକ୍ତ ଜାତି, ଉପଜାତି ଏବଂ ଅନାନ୍ୟ ପଛୁଆବର୍ଗର ଛାତ୍ରଛାତ୍ରୀଙ୍କୁ ସଂରକ୍ଷଣ ପ୍ରସଙ୍ଗ ଉଠାଇ କଂଗ୍ରେସ ସଦସ୍ୟମାନେ କକ୍ଷତ୍ୟାଗ କରିଥିଲେ । ହଟ୍ଟଗୋଳ ଏବଂ

କକ୍ଷତ୍ୟାଗ ଯୋଗୁଁ ଗୃହକାର୍ଯ୍ୟ ବାଧାପ୍ରାପ୍ତ ହେବାରୁ ବାଚସ୍ପତି ଅପରାହ୍ଣ ୧୨ଟା ୧୧ ମିନିଟ୍‌ରେ ଗୃହକୁ ୪ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଛନ୍ତି ।

## ଜଳବୁଡ଼ି-ବିଧାନସଭା

ଗତ ୫ ବର୍ଷ ମଧ୍ୟରେ ସମଗ୍ର ରାଜ୍ୟରେ ୮ ହଜାର ୪୯୩ ଜଣଙ୍କର ପାଣିରେ ବୁଡ଼ି ମୃତ୍ୟୁ ହୋଇଛି ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ  କହିଛନ୍ତି । ବିଧାନସଭାରେ ଆଜି ଏ ସଂକ୍ରାନ୍ତ ଏକ ପ୍ରଶ୍ନର ଉତ୍ତରରେ ସେ କହିଛନ୍ତି କେବଳ ଝାରସୁଗୁଡ଼ା ଜିଲ୍ଲାରେ ଏହି ସମୟ ମଧ୍ୟରେ ୧୭୪ ଜଣଙ୍କର ମୃତ୍ୟୁ ହୋଇଛି । ପାଣିରେ ବୁଡ଼ି ମୃତ୍ୟୁବରଣ କରୁଥିବା ଲୋକଙ୍କ ନିକଟସଂପର୍କୀୟଙ୍କୁ ସରକାରଙ୍କ ପକ୍ଷରୁ ୪ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରାଯାଉଛି ବୋଲି ସେ କହିଛନ୍ତି । ଜଳବୁଡ଼ି ମୃତ୍ୟୁକୁ ରୋକିବା ଲକ୍ଷ୍ୟରେ ଓସ୍‌ଡମା, ଓଡ୍ରାଫ୍, ଏନ୍‌ଡିଆରଏଫ୍ ଏବଂ ଅଗ୍ନିଶମ ବାହିନୀ ପକ୍ଷରୁ ବିଭିନ୍ନ ସ୍ଥାନରେ ସଚେତନତା ଶିବିରମାନ ଆୟୋଜନ କରାଯାଉଛି ବୋଲି ସେ ସୂଚନା ଦେଇଛନ୍ତି ।

## ବିଧାନସଭା-ଜମିପଟ୍ଟା

ଭୂମିହୀନଙ୍କୁ ଘରଡିହ ଯୋଗାଇଦେବାକୁ ରାଜ୍ୟ ସରକାର ପଦକ୍ଷେପ ନେଉଛନ୍ତି । ଏଥିପାଇଁ ସର୍ଭେ କାର୍ଯ୍ୟ ଆରମ୍ଭ ହୋଇଛି ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି । ବିଧାନସଭାରେ ଆଜି ଏ ସଂପର୍କରେ ସୂଚନାଦେଇ ସେ କହିଛନ୍ତି ପୂର୍ବ ସରକାରଙ୍କ

ଅମଳରେ ଜମିପଟ୍ଟା ପାଇଥିବା ଲୋକଙ୍କୁ ଡିହ ବଣ୍ଟନ କରାଯିବାକୁ ସରକାର ପ୍ରକ୍ରିୟା ଆରମ୍ଭ କରିଛନ୍ତି ।

## କ୍ରୀଡ଼ା ଦିବସ

ସମଗ୍ର ଦେଶରେ ଆଜି ଜାତୀୟ କ୍ରୀଡ଼ା ଦିବସ ପାଳନ କରାଯାଉଛି । କିମ୍ବଦନ୍ତୀ ହକି ଖେଳାଳି ମେଜର ଧ୍ୟାନଚାନ୍ଦଙ୍କ ଜନ୍ମ ବାର୍ଷିକୀ ପାଳନ ଅବସରରେ ପ୍ରତିବର୍ଷ ଅଗଷ୍ଟ ୨୯ ତାରିଖରେ ଜାତୀୟ କ୍ରୀଡ଼ା ଦିବସ ପାଳନ କରାଯାଏ ।

ମେଜର ଧ୍ୟାନଚାନ୍ଦଙ୍କ ଅଧିନାୟକତ୍ୱରେ ଭାରତ ୩ ଥର ଲଗାତାର ଭାବେ ୧୯୨୮, ୧୯୩୨ ଏବଂ ୧୯୩୬ ମସିହାରେ ହକିରେ ଅଲିମ୍ପିକ୍ସ ପଦକ ଜିତିଥିଲା । ୧୯୩୬ ମସିହାରେ ବର୍ଲିନଠାରେ ହୋଇଥିବା ହକି ଖେଳ ଦେଖି  ହିଟ୍‌ଲର ଆଶ୍ଚର୍ଯ୍ୟ ହେବା ସହିତ ଜର୍ମାନୀର ନାଗରିକତ୍ୱ ଗ୍ରହଣ ପାଇଁ ମେଜର ଧ୍ୟାନଚାନ୍ଦଙ୍କୁ ଅନୁରୋଧ କରିଥିଲେ ।  ୧୯୨୬ରୁ ୧୯୪୮ ମସିହା ମଧ୍ୟରେ ଧ୍ୟାନଚାନ୍ଦ ୪୦୦ରୁ ଅଧିକ ଗୋଲ୍ ସ୍କୋର କରିଥିଲେ । ଲୋକମାନଙ୍କ ମଧ୍ୟରେ ହକି ପ୍ରତି ଆଗ୍ରହ ସୃଷ୍ଟି କରିବା ଏବଂ ମେଜର ଧ୍ୟାନଚାନ୍ଦଙ୍କ ସ୍ମୃତିରେ ଏହି ଦିବସ ପାଳନ କରାଯାଉଛି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କ୍ରୀଡ଼ା ଦିବସ ଅବସରରେ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ହକି କିମ୍ବଦନ୍ତୀ ଧ୍ୟାନଚାନ୍ଦଙ୍କ କ୍ରୀଡ଼ାଯାଦୁ ଖେଳପ୍ରେମୀଙ୍କୁ ପ୍ରେରଣା

ଯୋଗାଉଛି ବୋଲି କହିଛନ୍ତି । କେନ୍ଦ୍ର ସରକାର କ୍ରୀଡ଼ାର ବହୁବିଧ ଉନ୍ନତି ପାଇଁ ପ୍ରତିଶ୍ରୁତିବଦ୍ଧ  ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସାମାଜିକ ଗଣମାଧ୍ୟମରେ କ୍ରୀଡ଼ାଦିବସର ଶୁଭକାମନା ଜ୍ଞାପନ କରିଛନ୍ତି। କ୍ରୀଡ଼ାକୁ ଦୈନନ୍ଦିନ ଜୀବନରେ ଏକ ଅଂଶ ଭାବେ ଆପଣେଇବା ସହ ସୁସ୍ଥ ରହିବାକୁ ସେ ପରାମର୍ଶ ଦେଇଛନ୍ତି ।

ଜାତୀୟ କ୍ରୀଡ଼ା ଦିବସ ଅବସରରେ ସମସ୍ତଙ୍କ ମନର ଅନ୍ତର୍ନିହିତ କ୍ରୀଡ଼ା ପ୍ରତିଭାକୁ ଜାଗ୍ରତ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆହ୍ୱାନ ଦେଇଛନ୍ତି ।

କ୍ରୀଡ଼ାଦିବସର ଶୁଭେଚ୍ଛା ଜଣାଇ ଚଳିତବର୍ଷର ଅଲମ୍ପିକ୍ସ ବ୍ରୋଞ୍ଜ ପଦକ ବିଜେତା ଭାରତୀୟ ହକି ଦଳର ଅନ୍ୟତମ ଖେଳାଳି ଅମିତ ରୋହିଦାସ ଆକାଶବାଣୀକୁ କହିଛନ୍ତି :**V/O**

ଏହି ଦିବସ ପାଳନ ଅବସରରେ ରାଜ୍ୟର ବିଭିନ୍ନ ସ୍ଥାନରେ ଭିନ୍ନଭିନ୍ନ କାର୍ଯ୍ୟକ୍ରମାନ ଆୟୋଜନ ହେଉଥିବାର ଖବର ଆମର ହସ୍ତଗତ ହୋଇଛି । ନୟାଗଡ଼ ଷ୍ଟାଡିୟମରୁ ଏକ ଶୋଭାଯାତ୍ରା ବାହାରି ନାରାୟଣୀ ମନ୍ଦିର ପର୍ଯ୍ୟନ୍ତ ଯାଇଥିଲା । ଷ୍ଟାଡିୟମରେ ଏକ ଫୁଟବଲ ମ୍ୟାଚ୍‌ର

ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଜିଲ୍ଲା କ୍ରୀଡ଼ା ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ ।

ପୁରୀ ତାଳବଣିଆସ୍ଥିତ ସ୍ପୋର୍ଟସ୍ କଂପ୍ଲେକ୍ସ ଠାରେ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ଅତିରିକ୍ତ ଜିଲ୍ଲାପାଳ ଏହାକୁ ଉଦ୍‌ଘାଟନ କରିବା ସହ ପ୍ରତ୍ୟେକ କ୍ରୀଡ଼ାବିତ୍ ଧ୍ୟାନଚାନ୍ଦଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ପରାମର୍ଶ ଦେଇଥିଲେ । ଏହି ଶୋଭାଯାତ୍ରା ଶ୍ରୀଜଗନ୍ନାଥ ଷ୍ଟାଡିୟମ ପର୍ଯ୍ୟନ୍ତ ଯାଇଥିଲା ।

ରାୟଗଡ଼ା ଜିଲ୍ଲା କ୍ରୀଡ଼ା ବିଭାଗ ପକ୍ଷରୁ ଆୟୋଜିତ ପଦଯାତ୍ରାରେ କ୍ରୀଡ଼ା ଶିକ୍ଷକ, ଜାତୀୟ ସମର ଶିକ୍ଷାର୍ଥୀ ବାହିନୀର ଛାତ୍ରଛାତ୍ରୀ ଓ ସମାଜର ବିଭିନ୍ନ ବର୍ଗର ଲୋକ ଯୋଗ ଦେଇଥିଲେ । ଏହି ପଦଯାତ୍ରା ସଦ୍‌ଭାବନା କ୍ରୀଡ଼ାଙ୍ଗନଠାରୁ ବାହାରି ମଙ୍ଗଳା ମନ୍ଦିର ପର୍ଯ୍ୟନ୍ତ ଯାଇଥିଲା ।

କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ଜିଲ୍ଲାପାଳ ସ୍ମୃତିରଂଜନ ପ୍ରଧାନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଭାରେ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ଧ୍ୟାନଚାନ୍ଦଙ୍କ ସ୍ମୃତିଚାରଣ କରିଥିଲେ । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ଏକ ସଚେତନ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା ।

ଢେଙ୍କାନାଳ ମିନି ଷ୍ଟାଡିୟମଠାରେ  ମଧ୍ୟ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।

## କାଳୀୟଦଳନ ବେଶ

ପୁରୀ ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କର ଆଜି କାଳୀୟଦଳନ ବେଶ ଅନୁଷ୍ଠିତ ହେବ । ମଧ୍ୟାହ୍ନ ଧୂପ ପରେ ଅନ୍ୟାନ୍ୟ ନୀତିକାନ୍ତି ସହ ମାର୍କଣ୍ଡ ପୁଷ୍କରିଣୀ ଠାରେ ଶ୍ରୀଜୀଉଙ୍କ କାଳୀୟ ଦଳନ ଲୀଳା ଆୟୋଜିତ ହେବ । ସେଠାରୁ ବାହୁଡ଼ା ବିଜେ ପରେ ରତ୍ନସିଂହାସନ ଉପରେ ଶ୍ରୀଜୀଉଙ୍କୁ କାଳୀୟ ଦଳନ ବେଶରେ ସଜ୍ଜିତ କରାଯିବ ।

## ପଶୁପକ୍ଷୀ ଗଣନା

ଗଞ୍ଜାମ ଜିଲ୍ଲା ଭଞ୍ଜନଗର ସ୍ଥିତ ପ୍ରାଣୀଧନ ପ୍ରଶିକ୍ଷଣ କେନ୍ଦ୍ରଠାରେ ପଶୁପକ୍ଷୀ ଗଣନା ନେଇ ଏକ ଜିଲ୍ଲାସ୍ତରୀୟ ତାଲିମ ଶିବିର ଅନୁଷ୍ଠିତ ହୋଇଛି । ପ୍ରାଣୀ ସମ୍ପଦ ବିଭାଗ ପକ୍ଷରୁ ଆୟୋଜିତ ଏହି ଶିବିରରେ ବିଭାଗୀୟ ଅଧିକାରୀ ଯୋଗଦେଇ ତାଲିମ ପ୍ରଦାନ କରିଥିଲେ । ଗଣନାକାର୍ଯ୍ୟରେ ନିୟୋଜିତ ହେବାକୁ ଥିବା ଭଞ୍ଜନଗର ଉପଖଣ୍ଡର   ମନୋନୀତ ୧୦୩ ଜଣଙ୍କୁ ତାଲିମ ପ୍ରଦାନ କରାଯାଇଛି । ସୂଚନାଯୋଗ୍ୟ ଆସନ୍ତା ସେପ୍ଟେମ୍ବର ମାସ ପହିଲାରୁ ଡିସେମ୍ବର ମାସ ଶେଷ ପର୍ଯ୍ୟନ୍ତ ରାଜ୍ୟରେ ପଶୁପକ୍ଷୀ ଗଣନା ହେବ ।

## ଧାରଣା

ନୟାଗଡ଼ ଜିଲ୍ଲା ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଜିଲ୍ଲା ଟ୍ରେଡ୍ ୟୁନିୟନ ସମନ୍ୱୟ କମିଟି ପକ୍ଷରୁ ବିଭିନ୍ନ ଦାବି ନେଇ ଏକ ଧାରଣା ଦିଆଯାଇଥିଲା । ୧୩ ଦଫା ଦାବି ସମ୍ବଳିତ ସ୍ମାରକପତ୍ର କମିଟି ପକ୍ଷରୁ ଶ୍ରମ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି । ୨ଶହରୁ ଅଧିକ ଶ୍ରମିକ ବିକ୍ଷୋଭ ସମାବେଶରେ ଯୋଗ ଦେଇଥିଲେ ।

# ପାଣିପାଗ

ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗରରେ ସୃଷ୍ଟ ଘୂର୍ଣ୍ଣିବଳୟ ଲଘୁଚାପରେ ପରିଣତ ହୋଇଛି । ଏହାର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ଆସନ୍ତା ଶନିବାର ପର୍ଯ୍ୟନ୍ତ ବର୍ଷା ଲାଗି ରହିବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ମିଳିଛି । ରାଜ୍ୟର ଉପକୂଳ ଓ ଦକ୍ଷିଣ ଭାଗ ସମେତ ୧୧ଟି ଜିଲ୍ଲାରେ ପ୍ରବଳ ବର୍ଷା ଏବଂ ବଜ୍ରପାତ ନେଇ ସତର୍କ ସୂଚନା ଜାରି କରାଯାଇଛି । ତେବେ ମାଲକାନଗିରି, କୋରାପୁଟ ଏବଂ ଗଜପତି ଜିଲ୍ଲାର କେତେକ ଅଞ୍ଚଳରେ ଅତିପ୍ରବଳ ବର୍ଷା ହୋଇପାରେ ବୋଲି ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି । ଆସନ୍ତା ରବିବାର ପର୍ଯ୍ୟନ୍ତ ସମୁଦ୍ର ମଧ୍ୟକୁ ନଯିବା ପାଇଁ ମତ୍ସ୍ୟଜୀବୀମାନଙ୍କୁ ପରାମର୍ଶ ଦିଆଯାଇଛି ।